ଦ୍ରୋଣଙ୍କର ପ୍ରୟାଗ ଗମନ, ଅଶ୍ୱଥିମା ଓ କୃପଙ୍କର ତପସ୍ୟା, କୌରବଙ୍କ ଦ୍ୱାରା ସେମାନଙ୍କୁ ଆଣିବା ଓ ରାକୃଷ୍ଣଙ୍କ ଦର୍ଶନ

ଅଗସ୍ତି କହିଲେ ପୁରାଣ ସଂଯୋଗେ
ବଇବସୁତ ମନୁ ଶୁଣନ୍ତି ଆସ୍ରାଗେ । ୧
ଶ୍ରୀ ମହାଭାରଥ ଯେ ଆଦିପର୍ବ କଥା
ସଂସାର ଗତି ଲାଭ କାୟେ ମୁକତି ଅର୍ଥ ଦାତା । ୨
ଯେବଣ ଗ୍ରନ୍ଥ ଶୁଣିଲେ ଯଶ ଶିରୀ ଆୟୁଷ ବଢଇ
ଶତ୍ରୁ କ୍ଷୟେ ଯାୟେ ଅରଷ୍ଟି ଦର୍ପ ଯେ ଗଞ୍ଜଇ । ୩
ଦ୍ରୋଣ ଗୁରୁ କୁରୁବୀରମାନଙ୍କର ପ୍ରତଗ୍ୟାଂ ଦେଖିଲେ
ନାରାୟଣଙ୍କ ଅଗ୍ରତେ ବଳରାମେ ଯେ କହିଲେ । ୪
ବଡ ସାଧନେ ସାଧୁ ଅଛନ୍ତି ହସ୍ତିନା
ଆଖଡାଶାଳ ତହିଂ ଯାଇ ଦେଖି ଯିବା ଭାଇ କହ୍ନା । ୫
ତାଳଧ୍ୱଜ ରଥେ ବିଜୟେ ବଳଦେବ
ନନ୍ଦିଘୋଷ ରଥରେ ବିଜୟେ ମାଧେବ । ୬

---------

୧ ।୨ ଆସ୍ରାଗେ-ଅତି ସରାଗେ

ତାଳଧ୍ୱଜ ରଥରେ ଯେ ସୁବଳ ସାରଥି
ନନ୍ଦିଘୋଷ ରଥ ଦାରୁକ ତତତି । ୭
ବସନ୍ତ ଋତୁ ଯେ ଫାଲଗୁନ୍ୟ ମାସ
ଶୁକଳପକ୍ଷ ତୃତୀୟା ଭୃଗୁବାର ଦିବସ । ୮
ରେବତୀ ନକ୍ଷତ୍ର ଯେ ବାଣିଜ୍ୟ ନାମେ କରଣ
ମାହେନ୍ଦ୍ର ଯୋଗ ଘେନି ବାରୁଣାକୁ ଚଳନ୍ତି କାହ୍ନୁ ସଂକ୍ରିଷେଣ । ୯
ଦ୍ରୋଣେ ଯେ ଗଲେ ପ୍ରାଗ ମହାତୀର୍ଥେ
ପାଛୋଟି ଗଲେ ସାତ ଉତ୍ତର ଶତେ ଭ୍ରାଥେ । ୧୦
ଦ୍ରୋଣଙ୍କୁ ନେଇ ଛାଡିଲେ ଅଜଙ୍ଗପାଦ ବନେ
ସମସ୍ତେ ପ୍ରବେଶ ହୋଇଲେ କୃପ ଅଶସ୍ତମାର ତପସ୍ଥାନେ । ୧୧
ଦେଖିଲେ ଅଶସ୍ତମାର ୟେକଇ ଆସନ
ଚଉଦ ବରଷ ହୋଇଲା ୟେକଇ ନିଷ୍ଚଳ ନୟନ । ୧୨
କାହାରି ନାମ ଯେ ନ ଧରଇ ତାର ମନେ
ଶୂନ୍ୟକୁ ଲୟ କରି ଚାହିଂଇ ଗଗନେ । ୧୩
ବୋଧଇ ଅଣାକାର ସାଧଇ ବ୍ରହ୍ମଗ୍ୟାନ
ୟେମନ୍ତେ ଚଉଦ ବରଷ ୟେକ ଲୟେ ମନ । ୧୪

--------

୭ ପଦ ପରେ ଅଧିକା ପାଠ-
ବଦନ୍ତି ଦ୍ରୋଣେ ଯେ ଶିଷ୍ୟନ୍ତ ବସାଇ
ଆମ୍ଭେ ପ୍ରାଗ ତୀର୍ଥକୁ ଯିବୁ ଶୁଣ ସର୍ବ ଭାଇ ।

୧୦ ।୧ ୟେତେ ବୋଲି ଦ୍ରୋଣେ ତୀର୍ଥକୁ କଲେ ଅନକୂଳ
ଚଳନ୍ତି ଦ୍ରୋଣ ଗୁରୁ ପ୍ରୟାଗ ତୀର୍ଥ ବଟ ତଳ ।

୧୦ ।୨ ସାତ ଉତ୍ତର ଶତେ ଭ୍ରାଥ ପଛୋଟି ପୁଣ ଗଲେ
ଅଜଇକ ବନେ ନେଇ ଦ୍ରୋଣଙ୍କୁ ଛାଡିଲେ ।

୧୧ ।୧ ଦ୍ରୋଣଙ୍କୁ ନେଇ ଛାଡିଲେ ଅଜପା ଘୋର ବନେ ।
ଦ୍ରୋଣଙ୍କୁ ନେଇ ଛାଡିଲେ ଅଜୟେକ ବନେ ।

୧୨ ।୨ ଚଉଦ ବରଷ ହୋଇଲା ତଲୟେ ନୟନ ।

ପବନ ନିରୋଧି ଯେ ଟେକଇ ଉଜାଣି
ଦ୍ଵାଦଶ ଇନ୍ଦ୍ରିୟ ଯେକତ୍ର କରି ଆଣି । ୧୫
ବିଂଶ ଆଙ୍ଗୁଳି ଗଙ୍ଗା ବୋଲି ଶୋଷି
ଯେଥୁ ସେ ନିଦ୍ରା ଅଳସ ନୁଆସି । ୧୬
ପଞ୍ଚମୁନା ନାଳ ଯେ ତିହୁଡିର ବାଟ
ଜ୍ଵାଳାନଳ ଟେକିଲା ସେ ଶ୍ରୀହଟ ଯେ ପାଟ । ୧୭
କ୍ଷନ୍ଦାଇ ପକାଇଲା ବାସ୍ତରୀ ଯେ ମୁଦ୍ରା
ଧାତା ଦୃଢ଼ କରିଣ ଭାଞ୍ଜିଲା ମହାନିଦ୍ରା । ୧୮
ନିଦ୍ରା ପୁରୁଷଟି ସେ ଅଟଇ ଯେ କାଳ
ଯେହି ସେ ନାଶ କରି ସକଳ । ୧୯
ପବନ ଉଜାଣି ଜାଇ ନବଦ୍ଵାର ବାଟେ
ତାହା ସବୁ ବନ୍ଧନ ଶିଷୁ ମୁନା ବାଟେ । ୨୦
ନବ ଦ୍ଵାର ନିରୋଧି ଯେ ବସିଛି ମହାତ୍ମା
ଦେଖି ନ ଦେଖଇ ଶୂନ୍ୟ ଶବଦ ସୀମା । ୨୧
ଜିହ୍ଵା ଗୋପ୍ୟାନ କଲା ସେ ଘଣ୍ଟିକାର ମୂଳେ
ତହିଂରୁ ଅମୃତ ପାନ କଲା ସର୍ବକାଳେ । ୨୨
ସାତୁକୀ ପୁରୁଷ ସେ ଅଭୟେ କାଳକୁ
ଅମାୟା ପୁରୁଷ ସେ ଚାହଂଇ ଶୂନ୍ୟକୁ । ୨୩
ନାହିଂ ନାହିଂ ପବନ ନାହିଂ ପଞ୍ଚଶାଖା
ନାହିଂ ନାହିଂ ନି ଅଙ୍ଗ ନାହିଂ ନା ବାଟ ରେଖା । ୨୪
ନାହିଂ ପରସନ୍ନ ନାହିଂ ନା ଅପ୍ରସନ୍ନ
ଜିହ୍ଵା ଇନ୍ଦ୍ରି ଗୋପ୍ୟ କଲା ନିଗ୍ରହ ବାସନ । ୨୫

------

୧୫ ଆହାର ନିଦ୍ରା ଯେ ମଇଥୁନ ଉପେଖି
ପବନ ନିରୋଧି ଉଜାଣି ଟେକିଲା ଅଦ୍ୟାପି ।
୨୨ ।୨ ଅମୃତ ପାନ କଲା ପବନର ବଳେ ।
୧୮ ।୧ କ୍ଷନ୍ଦାଇ-ଛନ୍ଦାଇ, ସାତୁକୀ-ସାତ୍ତ୍ଵିକ ।

ନିରାଶିତ ଜପ ଯହୁଂ କଲା ଅଣାକାରେ
ଆସନ ଛାଡିଣ ଯେ ଉଠିଲେ ନିରାକାରେ । ୨୬
ଶୂନ୍ୟେଣ ଶବ୍ଦ ଶୁଭିଲା ବର ମାଗ ଅଶସ୍ତମା
ସାମାଧିରେ ଥାଇଂ ଉତ୍ତର ଦିଲେ ମହାତମା । ୨୭
ଶବଦ ଶୁଭଇ ସ୍ଵାମୀ ନ ଦିଶଇ ଶରୀର
ଅଣ୍ଡୀର କୋକିଳ ଜାଣି ବାଣୀ ସୁସ୍ଵର । ୨୮
ଆରେ କେବଣ ଭୁବନକୁ କରୁଅଛୁ ଇଚ୍ଛା
ବର ମାଗ ତୋହୋର ଯେବଣ ମନ ବାଞ୍ଛା । ୨୯
ଅଶସ୍ତମା ବୋଇଲା ମୁଂ ଉତପତ୍ତି ହୋଇଲି ଭୁବି
ଯେ ପୃଥୀ ଥିବା ଯାଏ ମୁଂ ଯେହିମତେ ଥିବି । ୩୦
କାଳ କାମ ନିଦ୍ରା ମୋତେ ନ ପୀଡିବ ନୟନେ
ହୋଉ ତୋତେ ପ୍ରାପତ ବୋଲି ବୋଇଲେ ଦେବ ଶୂନ୍ୟେ । ୩୧
କୃପ ଆଚାର୍ଯ୍ୟେ ମାଗିଲେ ଯେହୁ ବର
ଯେ ପୃଥୀ ଥିବା ୟାଏ ମୁଂ ହୋଇବି ଅମର । ୩୨
ତ୍ରିଜୀବୀ ହୋଇବି ସ୍ଵାମୀ ତୋହୋର ସେ ବରେଣ
ହୋଉ ବୋଲି ବୋଇଲେ ଶୂନ୍ୟ ପୁରୁଷ ଶୂନ୍ୟେଣ । ୩୩
କରପତ୍ର ଯୋଡି ବୋଲଇ ଅଶସ୍ତମା

ଆବର ବର ମୋତେ ଦେବୁ ହେ ମହାତମା । ୩୪
ହସ୍ତିନା ଭୁବନେ ଥିବାକୁ ମୋର ଆଶ
ବ୍ରହ୍ମବେଦ ବିଦ୍ୟାୟେ ମୁଂ ନୋହିବି ନିରାଶ । ୩୫
ଅସ୍ତୁ ହୋଉ ବୋଲି ବୋଇଲେ ଦେବ ଶୂନି୍ୟ
ବ୍ରହ୍ମବେଦ ବିଦ୍ୟାୟେ ତୁମ୍ଭେ ହୁଅସି ମହାଗ୍ୟାନୀ । ୩୬
ୟେମନ୍ତେ ସମୟେ ଯାଇ ହୋଇଲେ କୁରୁବୀରେ
ଦେଖିଲେ ଗତ ଆତ୍ମା ପ୍ରାୟେ ପଡିଛନ୍ତି ଭୂମିରେ । ୩୭
ଅଶସ୍ତମା କୃପ ଯେ ଆହାର ବିହୁନେ
ଉଠି ବସି  ନ ପାରନ୍ତି ଆତ୍ମବଳ ହୀନେ । ୩୮
--------
୨୬ ନିରାଶ ତପ ଯହୁଂ ପାଇଲା ନିରାଧାରି
ଆସନ ଛାଡିଣ ଯେ ଉଠିଲା ଦମ୍ଭ କରି ।

ଧୁଶାସନ କୋଳ କରି ଧଇଲେ ଅଶସ୍ତମା
କାନ୍ଧେଣ ଘେନିଲେ ସେ କ୍ଷତ୍ରିୟ ମହାତମା । ୩୯
କୃପ ଆଚାର୍ଯ୍ୟଙ୍କୁ ଧଇଲେ ଦ୍ରିଯୋଧନ
କାନ୍ଧେ ବସାଇଲେ ସେ ଧୃତରାଷ୍ଟର ନନ୍ଦନ । ୪୦
ଘେନିଣ ଆସୁ ଅଛନ୍ତି ବାରୁଣା ପ୍ରଶସ୍ତେ
ରାମକୃଷ୍ଣଙ୍କୁ ଭେଟିଲେ କଉସ୍ତୁଭ ପର୍ବତେ । ୪୧
ଯୁଝେଷ୍ଠି ଭୀମ ଅର୍ଜୁନ ସହଦେବ ନକୁଳ
ପ୍ରଣପତ୍ୟ ହୋଇଲେ ବଳଦେବଙ୍କ ପୟର । ୪୨
ଯୁଝେଷ୍ଠି ଦେବଙ୍କୁ କୃଷ୍ଣ ନମସ୍କାର କଲେ
କଲ୍ୟାଣ କଲେ ଧର୍ମରାୟେ ନୃପତିର ତୁଲେ । ୪୩
ରାମକୃଷ୍ଣଙ୍କୁ ନମସ୍କାର ନ କଲେ କୁରୁବୀରେ କେହି
ଅନେକ ଅପ୍ରସ୍ତୁତ କଥାମାନ କହି । ୪୪
ପ୍ରବେଶ ହୋଇଲେ ବାରୁଣାବନ୍ତେ ଯାଇଂ
ଅଶସ୍ତମା କୃପଙ୍କୁ ଅନେକ ବଧାଇ । ୪୫
ସ୍ନାହାନ ଭୋଜନ କଲେ କୋଇନ୍ତାଙ୍କ ପୁରେ ରହି । ୪୬
ସର୍ପନ୍ତ ମଉଳେ ବହନ୍ତି ଦେବ କାମପାଳ
ପବନ ଆହାରେ ସେ ବ୍ରତନ୍ତି ସର୍ବକାଳ । ୪୭-୪୩୨୩ ।
---------
୪୫ ।୨ ଅଶସ୍ତମା କୃପଙ୍କୁ ଅକ୍ଷତ ବନ୍ଦାଇ ।

***********